# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 04th June - 2025

********************************

## ମୁଖ୍ୟ ସମ୍ବାଦ

- ଦେଶରେ ମାର୍ଚ୍ଚ ୨୦୨୭ ମସିହାରୁ ଦୁଇଟି ପର୍ଯ୍ୟାୟରେ ହେବ ଜନଗଣନା ।

- ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ କରିବେ ଚାରାରୋପଣ ।

- ଢେଙ୍କାନାଳକୁ ସୌରଶକ୍ତି ସମୃଦ୍ଧ ଜିଲ୍ଲାରେ ପରିଣତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ; କହିଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ରାଜ୍ୟରେ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

GNR

# ଜନଗଣନା

କେନ୍ଦ୍ର ସରକାର ୨୦୨୭ ମସିହା ମାର୍ଚ୍ଚ ମାସରୁ ଜାତିଭିତ୍ତିକ ଜନଗଣନା ସହ ଦୁଇଟି ପର୍ଯ୍ୟାୟରେ ଜନଗଣନା କରିବାକୁ ନିଷ୍ପତ୍ତି ନେଇଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ଲଦାଖ, ଜମ୍ମୁ-କାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ପ୍ରତିକୂଳ ପାଣିପାଗକୁ ଦୃଷ୍ଟିରେ ରଖି ଜନଗଣନା ୨୦୨୬ ମସିହା ଅକ୍ଟୋବର ମାସରୁ ଆରମ୍ଭ ହେବ । ଏନେଇ ଆସନ୍ତା ୧୬ ତାରିଖରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବ । ସୂଚନାଯୋଗ୍ୟ, ୨୦୧୧ ମସିହାରେ ହୋଇଥିବା ଶେଷ ଜନଗଣନା ଦୁଇଟି ପର୍ଯ୍ୟାୟରେ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଘରକୁ ତାଲିକାଭୁକ୍ତ କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା କରାଯାଇଥିଲା । ପ୍ରସ୍ତାବିତ ୨୦୨୧ ମସିହାରେ ମଧ୍ୟ ଦୁଇଟି ପର୍ଯ୍ୟାୟରେ ଜନଗଣନା ଲାଗି ସ୍ଥିର କରାଯାଇଥିଲା । ତେବେ ଦେଶବ୍ୟାପୀ କୋଭିଡ୍ ମହାମାରୀ ଯୋଗୁଁ ୨୦୨୧ ମସିହାରେ ଜନଗଣନାକୁ ସ୍ଥଗିତ ରଖାଯାଇଥିଲା ।

*Desk*

# ବିଶ୍ୱ ପରିବେଶ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ବିଶ୍ୱ ପରିବେଶ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀସ୍ଥିତ ଭଗବାନ ମହାବୀର ବନସ୍ଥଳୀ ପାର୍କରେ ଚାରେରୋପଣ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ 'ଏକ ପେଡ୍ ମା' କେ ନାମ' ଅଭିଯାନରେ ଏକ ବଟବୃକ୍ଷ ଲଗାଇବେ । ଏହା ଆରାବଳୀ ସବୁଜ ପ୍ରାଚୀର ଯୋଜନା ଅଧୀନରେ ଆରାବଳୀ ବନାଞ୍ଚଳରେ ୭୦୦ କିଲୋମିଟର ଦୈର୍ଘ୍ୟ ବନାଞ୍ଚଳ ପୁନଃ ବନୀକରଣ ପଦକ୍ଷେପର ଅଂଶସ୍ୱରୂପ । ଏହି ଯୋଜନା ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ରୋଜଗାର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି ।

*Desk*

# ସଂସଦ ମୌସୁମୀ ଅଧିବେଶନ

ସଂସଦର ମୌସୁମୀ ଅଧିବେଶନ ଜୁଲାଇ ମାସ ୨୧ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି। ସଂସଦର ଉଭୟ ଗୃହ ୩ ମାସ ପରେ କାର୍ଯ୍ୟ କରିବା ନେଇ ସଂସଦୀୟ ବ୍ୟାପାର କ୍ୟାବିନେଟ୍ କମିଟିରେ ନିଷ୍ପତ୍ତି ହୋଇଛି।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ହୋଇଥିବା କମିଟିର ସୂଚନା ଅନୁସାରେ, ଅଧିବେଶନକୁ ଶୃଙ୍ଖଳିତ କରିବା ପାଇଁ ସରକାର' ସବୁ ଦଳଙ୍କ ସହ ସମନ୍ୱୟ ରକ୍ଷା କରି ଆଲୋଚନା ମାଧ୍ୟମରେ ଗୃହକୁ ଚଳାଇବା ପାଇଁ ପ୍ରୟାସ କରାଯିବ । ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି, ଆଗାମୀ ଅଧିବେଶନରେ ଅପରେସନ ସିନ୍ଦୂର ବିଷୟରେ ଗୃହରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

***Sambalpur/R***

# ଜନଜାତି ସୁରକ୍ଷା ଆୟୋଗ ସଦସ୍ୟ

ରାଷ୍ଟ୍ରୀୟ ଜନଜାତି ସୁରକ୍ଷା ଆୟୋଗର ସଦସ୍ୟ ଆଶା ଲାକ୍ରା ସମ୍ବଲପୁର ଗସ୍ତରେ ଯାଇ ଜିଲ୍ଲାର ସମସ୍ତ ବ୍ଲକ୍‌ର ଅନୁସୂଚିତ ଜନଜାତିର ଜନପ୍ରତିନିଧି ଓ ସଦସ୍ୟଙ୍କ ସହ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଜମିପଟ୍ଟା, ଜାତିଗତ ପ୍ରମାଣପତ୍ର, ରାସ୍ତାଘାଟ, ପାନୀୟ ଜଳ, ହାତୀ ଉପଦ୍ରବ, ଜଙ୍ଗଲ ନଷ୍ଟ ଆଦି ବିଷୟରେ ଆଲୋଚନା କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଜିଲ୍ଲାର ସମସ୍ତ ଜନଜାତିଙ୍କ ନିକଟରେ ଠିକ୍ ଭାବରେ ପହଞ୍ଚିବା ନେଇ ବିଭାଗୀୟ ଅଧିକାରୀମାନଙ୍କୁ ଶ୍ରୀମତୀ ଲାକ୍ରା ପଚାରି ବୁଝିଥିଲେ ।

*Desk*

# ମୁଖ୍ୟମନ୍ତ୍ରୀ - ରାଜସ୍ୱ ଅଧିକାରୀ ସମ୍ମିଳନୀ

ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲ୍‌ଦାରମାନେ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀଙ୍କ ସମ୍ମିଳନୀ ତଥା କର୍ମଶାଳାକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରତିଷ୍ଠା ନୁହେଁ; ବରଂ ଜନସେବାରେ ସମର୍ପିତ ହେବାକୁ ପରାମର୍ଶ ଦେଇଛନ୍ତି । ତହସିଲ୍‌ଦାରମାନେ ଲୋକଙ୍କ ଅଭିଯୋଗ ଶୁଣିବା ସହ ତ୍ୱରିତ ସମାଧାନ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ଭୂମି ପ୍ରଶାସନକୁ ଆଧୁନିକ ଓ ଲୋଭାମୁଖୀ କରିବାପାଇଁ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାରେ କୌଣସି ବ୍ୟକ୍ତି ଭୂମିହୀନ ରହିବେ ନାହିଁ । ୪ ଡିସିମିଲ୍‌ରୁ କମ୍ ଜମି ଥିବା ଲୋକଙ୍କୁ ଭୂମିହୀନ ଭାବେ ବିବେଚନା କରାଯାଇ ସେମାନଙ୍କୁ ଜମି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

*Puri/R*

# ଉତ୍କର୍ଷ ନିମାପଡ଼ା ସମ୍ମିଳନୀ

ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ ଅଧୀନ ଇଣ୍ଡୋର୍ ଷ୍ଟାଡିୟମ୍‌ଠାରେ ଆୟୋଜିତ ସୁଭଦ୍ରା ମେଳା ଓ ଉତ୍କର୍ଷ ନିମାପଡ଼ା-୨୦୨୫ ସମ୍ମିଳନୀକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆଜି ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ଉତ୍କର୍ଷର ପରିଭାଷା ବ୍ୟାଖ୍ୟା କରିବା ସହ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ନେଇ ମତ ରଖିଥିଲେ । ନିଜ ଅଞ୍ଚଳର ବିକାଶ ହେଲେ ଜିଲ୍ଲା ଓ ରାଜ୍ୟ ସ୍ତରରେ ବିକାଶ ହେବ ବୋଲି ରାଜ୍ୟପାଳ କହିଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଉତ୍କର୍ଷ ନିମାପଡ଼ା ସମ୍ମିଳନୀଦ୍ୱାରା ଆଗାମୀ ଦିନରେ ପୁରୀ ଜିଲ୍ଲା ମଧ୍ୟରେ ନିମାପଡ଼ା ଏକ ନମ୍ବର ନିର୍ବାଚନମଣ୍ଡଳୀ ଭାବେ ପରିଚିତ ହେବ । ପୂର୍ବରୁ ଅପରେସନ୍ ସିନ୍ଦୂରରେ ପ୍ରାଣ ହରାଇଥିବା ସହିଦ୍‌ଙ୍କ ସ୍ମୃତିରେ ନିମାପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା ।

***Dhenkanal/R***

# ମୁଖ୍ୟମନ୍ତ୍ରୀ - ଢେଙ୍କାନାଳ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଢେଙ୍କାନାଳ ଜିଲ୍ଲାରେ ଆଜି ୪ ହଜାର ୪୦୦ କୋଟି ଟଙ୍କା ମୂଲ୍ୟରେ ୨୩ଟି ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଜିଲ୍ଲାରେ  ୫୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ପ୍ରକଳ୍ପର  ପ୍ରତିଷ୍ଠା ହେବ । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଜିଲ୍ଲାର ୨୬ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଢେଙ୍କାନାଳକୁ ସୌରଶକ୍ତି ସମୃଦ୍ଧ ଜିଲ୍ଲାରେ ପରିଗଣିତ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

***Voice (CM)*** :..........

ଯୁବନେତୃତ୍ୱକୁ ଆଗକୁ ଆଣିବା ଏବଂ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି ଜିଲ୍ଲାରେ ୧୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ମୁଖ୍ୟମନ୍ତ୍ରୀ ବାଜିରାଉତ କ୍ରୀଡ଼ାକେନ୍ଦ୍ରର ଶୁଭାରମ୍ଭ କରିଛନ୍ତି । ଏଥିରେ ଖେଳପଡ଼ିଆ, ସିନ୍ଥେଟିକ୍ ଆଥ୍ଲେଟିକ ଟ୍ରାକ୍, ହକି ଟ୍ରେନିଂ ସେଣ୍ଟର ସହ ୧୦୦ ଶଯ୍ୟାବିଶିଷ୍ଟ ଛାତ୍ରାବାସ ରହିଛି ।

***Desk***

# ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ଗଞ୍ଜାମ ଜିଲ୍ଲା ଗସ୍ତ କରିବେ। ଏହି ଅବସରରେ ରମ୍ଭାଠାରେ ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଅଭିବୃଦ୍ଧି କରିବା ପାଇଁ ବରପୁତ୍ରମାନଙ୍କ ଅବଦାନର ସ୍ମୃତିରେ ନିର୍ମିତ ୪୧ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ଛତ୍ରପୁର ଷ୍ଟାଡିୟମ୍‌ଠାରେ ମୁଖ୍ୟମନ୍ତ୍ରୀ ୭୦ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି।  ମୁଖ୍ୟମନ୍ତ୍ରୀଙ୍କ ସହିତ ୨ ଉପମୁଖ୍ୟମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏବଂ ଜିଲ୍ଲାର ସମସ୍ତ ସାଂସଦ ଓ ବିଧାୟକ କାର୍ଯ୍ୟକ୍ରମରେ ସାମିଲ ହେବେ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି।

***Sonepur/R***

# ପ୍ରକୃତି ମିତ୍ର

ସୁବର୍ଣ୍ଣପୁର ଜିଲ୍ଲାର ଅଙ୍ଗନୱାଡ଼ି କର୍ମୀ ଗୀତାଞ୍ଜଳି ରଣା ଜଣେ ସାଧାରଣ ମହିଳା ନୁହଁନ୍ତ; ବରଂ ତାଙ୍କର ସମାଜ ପ୍ରତି ଅସାଧାରଣ କାର୍ଯ୍ୟ ଲାଗି ଚଳିତ ବର୍ଷ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ ହେବାକୁ ଯାଉଛନ୍ତି । ଆସନ୍ତାକାଲି

ବିଶ୍ୱ ପରିବେଶ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମତୀ ରଣାଙ୍କୁ ସମ୍ମାନିତ କରାଯିବ । ଜଣେ ଅଙ୍ଗନୱାଡ଼ି କର୍ମୀ ଭାବେ କାର୍ଯ୍ୟ କରୁଥିବା ଗୀତାଞ୍ଜଳି ବାଲ୍ୟବିବାହ ରୋକିବା, ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା, ପରିବେଶର ସଂରକ୍ଷଣ ଆଦି ଦିଗରେ ଅନବରତ ଉଦ୍ୟମ ଜାରି ରଖି ଅନ୍ୟମାନଙ୍କପାଇଁ ଉଦାହାରଣ ପାଲଟିଛନ୍ତି । ଏ ସମ୍ପର୍କରେ ସୁବର୍ଣ୍ଣପୁରରୁ ଆମ ସମ୍ବାଦଦାତା ବେଣୁଧର ପ୍ରଧାନଙ୍କ ରିପୋର୍ଟ :

***Voice** :...........*

***Nayagarh/R***

# କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

ବାଚସ୍ପତି ସୁରମା ପାଢ଼ୀ ଆଜି ନୟାଗଡ଼ ଜିଲ୍ଲା ରଣପୁରରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରିଛନ୍ତି । ବାଚସ୍ପତି ବିଭାଗୀୟ ଅଧିକାରୀମାନଙ୍କୁ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାପାଇଁ ନିର୍ଦ୍ଦେଶ ଦେଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***IPR***

# ଶିମିଳିପାଳ

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ଭୁବନେଶ୍ୱରସ୍ଥିତ ବିଭାଗର ସମ୍ମିଳନୀ କକ୍ଷରେ ମୟୂରଭଞ୍ଜ ଜିଲ୍ଲାର

ବିଧାୟକମାନଙ୍କ ସହ ଶିମିଳିପାଳ ଜୈବମଣ୍ଡଳକୁ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରିବା ନେଇ ଆଲୋଚନା କରିଛନ୍ତି । ବୈଠକରେ ପ୍ରଧାନ ମୁଖ୍ୟ ବନରକ୍ଷକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

***Kalahandi/R***

## ସଚେତନତା ରଥ

କଳାହାଣ୍ଡି ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ସଚେତନତା ରଥର ଜିଲ୍ଲାପାଳ ପାଓ୍ୱାର ସଚିନ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ନିଶାମୁକ୍ତ ସମାଜ ଗଠନ ଦିଗରେ ସମସ୍ତେ ସଚେତନ ହୋଇ ସହଯୋଗ କରିବାପାଇଁ ଆହ୍ୱାନ ଦେଇଛନ୍ତି । ଏହି ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ୍, ପଞ୍ଚାୟତ ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

***Met. O.***

## ପାଣିପାଗ

ରାଜ୍ୟରେ ଆସନ୍ତାକାଲିଠାରୁ ପୁଣି ଥରେ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୫ଟି ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

*****